ଓଡିଆ ଲେଖା

# କ୍ଷୁଦ୍ର ନିଯୁକ୍ତି ମେଳା ୨୦୨୩-୨୪
## ଜିଲ୍ଲା- ଅନୁଗୋଳ

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଗୋଳ ଜିଲ୍ଲାରେ ଦୁଇଟି କ୍ଷୁଦ୍ର ନିଯୁକ୍ତି ମେଳା ଚଳିତ ମାସ ତା ୧୭.୧୧.୨୦୨୩ ରିଖ **ଶୁକ୍ରବାର ଦିନ ଶ୍ରୀ ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଡକେରା ପ୍ରାଙ୍ଗଣରେ ସକାଳ ୧୦ ଟା ରୁ ଅପରାହ୍ନ ୧.୩୦ ଟା ପର୍ଯ୍ୟନ୍ତ** ଓ ତା. ୧୮.୧୧.୨୦୨୩ ରିଖ ଶନିବାର ଦିନ ଷୋଳପଦା ଉଚ୍ଚ **ମାଧ୍ୟମିକ ବିଦ୍ୟାଳୟ, ଠାକୁରଗଡ ପ୍ରାଙ୍ଗଣରେ ସକାଳ ୧୦ ଟା ରୁ ଅପରାହ୍ନ ୧.୩୦ ଟା ପର୍ଯ୍ୟନ୍ତ** ଅନୁଷ୍ଠିତ ହେବ । ଏହି କ୍ଷୁଦ୍ର ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ଚାକିରୀ ଅନ୍ୱେଷଣରେ ଥିବା ଯୁବକ ଓ ଯୁବତୀ ମାନେ ଅଂଶ ଗ୍ରହଣ କରି ପାରିବେ ।

ଉକ୍ତ ମେଳାରେ ୫ମ ଶ୍ରେଣୀ ପାସ ଓ ତଦୁର୍ଦ୍ଧ ସ୍କୁଲ, କଲେଜ (+୨ ଓ +୩) ଏବଂ ଆଇ ଟି ଆଇ (ITI)/ଡିପ୍ଲୋମା ପାସ କରିଥିବା ଏବଂ ଅଧାରୁ ପାଠପଢା ଛାଡିଥିବା ୧୮ ବର୍ଷରୁ ୩୫ ବର୍ଷର ଚାକିରି ଅନ୍ୱେଷଣରେ ଥିବା ଯୁବକ ଯୁବତୀ ମାନେ ବେସରକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତି ଓ ପ୍ରଶିକ୍ଷଣ ନିମନ୍ତେ ଅଂଶ ଗ୍ରହଣ କରି ଏହାର ସୁବିଧା ନେଇ ପାରିବେ । ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଓ ତାହାର ନକଲ ଏବଂ ଗୋଟିଏ ପାସପୋର୍ଟ ଫଟୋ, ଆଧାର କାର୍ଡ ସହିତ ଉକ୍ତ ମେଳାରେ ଯୋଗ ଦେବାକୁ ଜଣାଇ ଦିଆଗଲା ।

ଉକ୍ତ ମେଳାରେ ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରୁ ନିଯୁକ୍ତିଦାତା ଓ ଦକ୍ଷତା ବୃଦ୍ଧି ତାଲିମଦାତା ମାନେ ଯୋଗଦେବାର କାର୍ଯକ୍ରମ ରହିଛି । ସବିଶେଷ ତଥ୍ୟ ନିମନ୍ତେ ନିକଟସ୍ଥ ବ୍ଲକ କାର୍ଯ୍ୟାଳୟ, ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।

ଜିଲ୍ଲା ନିୟୋଜନ ଅଧିକାରୀ
ଅନୁଗୋଳ

District Employment Officer
ANGUL